## ଗଞ୍ଜେଇ ସହ ଜିପ୍ ଜବତ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ପୋଡ଼ାସିଙ୍ଗିଡି ଗ୍ରାମ ନିକଟରୁ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ଜିପ୍ ସହିତ ୨୪ କିଲୋ ଗଞ୍ଜେଇ ଜବତ କରିଛନ୍ତି। ଗତ ଶୁକ୍ରବାର ଅପରାହ୍ଣରେ ଭଦ୍ରକକୁ ଚାଲାଣ ହେଉଥିଲା ବେଳେ ପୋଲିସ ଗାଁ ଛକ ନିକଟରେ ଧରିଥିଲା। ଏହି ଘଟଣାରେ ଉକ୍ତ ଗ୍ରାମର ରବୀନ୍ଦ୍ର କୁମାର ମୁଦୁଲି ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଉପେନ୍ଦ୍ର ନାଥ କହିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ଲକ୍ଷାଧିକ ଟଙ୍କା ହେବ।



## ସଂକ୍ଷେପରେ

### ଘର ସହ ଜଳିଗଲେ ୪ ଗୋରୁ

ଭଦ୍ରକ ଅଫିସ, ୩୦।୧୦-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବାଣିତିଆ ପଞ୍ଚାୟତ ଦକ୍ଷିଣସାହି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାରର ୫ ବଖରା ଘର ଜଳିଯାଇଥିବା ବେଳେ ୪ ଗୋରୁ ଓ ଗୋଟିଏ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଗୋପବନ୍ଧୁ ଜେନାଙ୍କ ପରିବାର ଲୋକେ ରାତିରେ ଶୋଇଥିବା ବେଳେ ବିଦ୍ୟୁତ୍ ଶର୍ଟ୍ ସର୍କିଟ ଯୋଗୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଗୋପବନ୍ଧୁ ଓ ତାଙ୍କ ଦୁଇଭାଇଙ୍କର ୫ ବଖରା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏଥିସହ ଘର ପାଖକୁ ଲାଗି ରହିଥିବା ଗୁହାଳେ ମଧ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଗଚ୍ଛିତ ଥିବା ଧାନ, ଚାଉଳ ଓ ଆସବାବପତ୍ର ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଗ୍ୟାସ୍ ସିଲିଣ୍ଡରରେ ନିଆଁ

ରୂପସା, ୩୦।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀ ପଞ୍ଚାୟତ ଅଧୀନ ଲକ୍ଷ୍ମଣାପଡ଼ା ଗ୍ରାମରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଗୋପାଳ ଭୂୟାଁ, ସ୍ତ୍ରୀ କବିତା ଓ ପୁଅ ସିପୁ ଧାନହଣ୍ଡା ମୌଜାସ୍ଥିତ ବାସଭବନରେ ସକାଳେ ରୋଷେଇ କରୁଥିବା ବେଳେ ଗ୍ୟାସଟାଙ୍କି ପାଇପ୍ ଲିକ୍ ହୋଇ ହଠାତ ଅଗ୍ନି ସଂଯୋଗ ହୋଇଥିଲା। ଫଳରେ ଗ୍ୟାସ୍ ଟାଙ୍କି ହୁତୁ ହୁତୁ ହୋଇ ଜଳି ଉକ୍ତ କୋଠରୀରେ ଥିବା ବିଭିନ୍ନ ଆସବାବପତ୍ର ପୋଡ଼ିଯାଇଥିଲା। ସ୍ୱାମୀ, ସ୍ତ୍ରୀ ବାଲି ଫିଙ୍ଗି ଗ୍ୟାସ୍ ଟାଙ୍କିରୁ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଘରର କିଛି ଆସବାବପତ୍ର ପୋଡ଼ି ଯାଇଥିବାବେଳେ ଗାଁଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମହିଳାଙ୍କୁ ବଳାତ୍କାର ମାମଲା
### ଜେଲ ଗଲେ ଅଭିଯୁକ୍ତ

ରୂପସା, ୩୦।୧୦(ଡି.ଏନ.ଏ.)-ବସ୍ତା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ବାଲେଶ୍ୱର ସଦର ବ୍ଲକ ଅଧୀନ ସୁଲପଟା ଗ୍ରାମର ରବୀନ୍ଦ୍ର ଦାସଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ଗତ ୨୦ତାରିଖ ରାତିରେ ରବୀନ୍ଦ୍ର ବିଧବାଙ୍କ ଘରେ ପଶି ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଯୁବକଜଣକ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଧରାଛୁଆଁ ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୩୦୯/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତଙ୍କୁ ଶନିବାର ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

### ଦେଶୀମଦ ସହ ପିକ୍‌ଅପ୍ ଜବତ

ଭଦ୍ରକ ଅଫିସ, ୩୦।୧୦-ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବଳ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସାବରଙ୍ଗ ଥାନା ଅନ୍ତର୍ଗତ ନଛିପୁର ଗ୍ରାମରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୧୦୦୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ପିକ୍‌ଅପ୍‌ଟି ବାଲେଶ୍ୱରରୁ ଭଦ୍ରକ ଆସୁଥିଲା। ସାବରଙ୍ଗ ଥାନା ଅଧୀନ ନଛିପୁର ଗ୍ରାମର ପ୍ରଦୀପ ବେହେରା, ବାସୁଦେବପୁର ଥାନା ଆର୍ଡୁଙ୍ଗ ଗ୍ରାମର ନିର୍ମଳ ନାଥ ଓ ସିମୁଳିଆ ଥାନା ଅନ୍ତର୍ଗତ ମାଟିଆପଡ଼ାର ସୁନୀଲ ବର୍ମାଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା(ନଂ.୯୩/୨୧-୨୨) ରୁଜୁ ହୋଇଛି।

### ବିପର୍ଯ୍ୟୟ ପରିଚାଳନା ଦିବସ

ବାହାନଗା, ୩୦।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ସଦର ଥାନା ରେମୁଣା ବ୍ଲକ ରସାଲପୁରସ୍ଥିତ ଡ.ଯଦୁନାଥ ମହାବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ଦିବସ ଶୁକ୍ରବାର ପାଳିତ ହୋଇଛି। ଏନସିସି, ସ୍କାଉଟ୍ ଓ ଗାଇଡ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଅଧକ୍ଷ ଶଙ୍କର୍ଷଣ ପଣ୍ଡା ସଭାପତିତ୍ୱ କରିଥିଲେ। ସଭାରେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ଜାତୀୟ ସେବା ଯୋଜନାର ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବାଲେଶ୍ୱର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଏନଡିଆରଏଫର ବାଲେଶ୍ୱର ଆଞ୍ଚଳିକ ଅଧିକାରୀ କମାଣ୍ଡୋ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ସମୟରେ କିପରି ଲୋକମାନଙ୍କୁ ପାୱାର ବୋଟ୍ ମାଧ୍ୟମରେ କିପରି ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

# ଧାନକ୍ଷେତରେ ହାତୀପଲ

ବାରିପଦା ଅଫିସ/ଠାକୁରମୁଣ୍ଡା, ୩୦।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ଦୁଧିଆଣୀ ଓ କରଞ୍ଜିଆ ରେଞ୍ଜରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି ଚଳାଇଛନ୍ତି । ଖାଦ୍ୟ ଅନ୍ୱେଷଣରେ ଆସିଥିବା ୫୮ଟି ହାତୀ ବିଭିନ୍ନ ଦଳରେ ବିଭକ୍ତ ହୋଇ ଫସଲ ନଷ୍ଟ କରିବା ସହିତ ଗାଁ ଗଣ୍ଡାରେ ପଶି ଉତ୍ପାତ କରୁଛନ୍ତି । ଫଳରେ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଦୀର୍ଘ ଦିନ ଧରି ଝାଡ଼ଖଣ୍ଡ ଓ ଶିମିଳିପାଳରୁ ଆସିଥିବା ହାତୀମାନେ ଧାନ କ୍ଷେତରେ ପଶି ପାଚିଲା ଧାନ ଖାଇବା ସହିତ କ୍ଷେତ ଗୁଡିକ ଜଗି ରହୁଛନ୍ତି । ପାଚିଲା ଧାନକୁ ବଞ୍ଚାଇବା ପାଇଁ ମଣିଷ ଓ ହାତୀ ମଧ୍ୟରେ ଲଢେଇ ହେଉଛି। ସୂଚନା ମୁତାବକ, ଝାଡଖଣ୍ଡରୁ ଆସିଥିବା ୪୭ଟି ହାତୀ ମଧ୍ୟରୁ ଦୁଧିଆଣୀ ରେଞ୍ଜ ମନୋହରପୁର ଅଞ୍ଚଳରେ ୨୫ଟି, ବୁଢୀପାଟରେ ୨୦ଟି ଓ ଟଙ୍ଗାବିଲାରେ ୨ଟି ହାତୀ ଥିବା ବେଳେ ଠାକୁରମୁଣ୍ଡା ଅଞ୍ଚଳରେ ଶିମିଳିପାଳରୁ ଆସିଥିବା ୧୧ଟି ହାତୀ ବିଭିନ୍ନ ସ୍ଥାନରେ ରହିଛନ୍ତି। ଦିନ ତମାମ ଜଙ୍ଗଲରେ ରହିବା ପରେ ସଞ୍ଜ ନଇଁଲେ ହାତୀମାନେ ଚଳପ୍ରଚଳ କରି ଶୁକୃଳୀ ବ୍ଲକର ଘର୍ମାବେଡା, ସୁନାପୋଷି, ହଳଦିଆ, କାଞ୍ଜିଆମ, ପୋଖରିଆ, ବାରିଆ, ଶିରମଣିପୁର, ଚତୁରାଙ୍ଗୀଳୀ ଓ ଯଶିପୁର ବ୍ଲକର ବୁଢୀପାଳ, ପାହାଡ଼ିପୁରା, ଧାଡିକିଆ, ଯାମକେଶର, ବାଉଁଶନଳୀ, ଠାକୁରମୁଣ୍ଡା ବ୍ଲକର କେଶିଡିହା, ଚମ୍ପାଝର, ମିଟୁଆଣି ଆଦି ଗ୍ରାମରେ ପ୍ରବେଶ କରୁଛନ୍ତି। ଶିମିଳିପାଳ ଜଙ୍ଗଲ ଭିତରୁ ଚାଲି ଆସିଥିବା ୭ ଟିକିଆ ହାତୀ ପଲ ଶୁକ୍ରବାର ବିଳମ୍ବିତ ରାତିରେ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କେଶଡ଼ିହା ଗ୍ରାମର ବୁରୁ ସାହିରେ ପଶି ଚାଷୀଙ୍କ ଧନ ଫସଲ ନଷ୍ଟ କରିଦେଇଛନ୍ତି। ଲୋକମାନେ ହାତୀକୁ ଦେଖି ଭୟଭୀତ ହେଉଥିବା ବେଳେ ଧାନ କ୍ଷେତକୁ ବଞ୍ଚାଇବାକୁ ଯାଇ ହାତୀ ଓ ମଣିଷ ମୁହାଁମୁହିଁ ହେବାକୁ ପଡିଛି। ହାତୀ ପାଇଁ ରାତି ତମାମ ବିଦ୍ୟୁତକାଟ୍ କରାଯାଉଥିବାରୁ ଲୋକମାନେ ଅନ୍ଧାରରେ ରହିବାକୁ ସୁରକ୍ଷିତ ମଣୁନାହାନ୍ତି। ଏପରିକି ହାତୀ ପାଇଁ ରାତି ହେଲେ ଘରୁ ବାହାରିବା ନିରାପଦ ବୋଲି ଅଞ୍ଚଳର ମଦନ ମହାନ୍ତ, ସୁରେଶ ମହାନ୍ତ କହିଛନ୍ତି। ତେବେ ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଆବଶ୍ୟକ କର୍ମଚାରୀ ଅଭାବ ସହିତ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନ ଥିବାରୁ ହାତୀ ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି। ହାତୀ ଘଉଡାଇବା ପାଇଁ ନିୟମ ନ ଥିବାରୁ ବନବିଭାଗ କେବଳ ଗତିପଥ ବଦଳାଇବାକୁ ଚେଷ୍ଟା ଜାରି ରଖିଛି । ହାତୀ ଗତବିଧିକୁ ଲକ୍ଷ୍ୟ କରି ବିଭାଗ ପକ୍ଷରୁ ଗାଁ ଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ତେବେ ବର୍ଷ ତମାମ ଏହି ଅଞ୍ଚଳରେ ହାତୀମାନେ ରହୁଥିବା ବେଳେ ଜଙ୍ଗଲକୁ ଫେରୁ ନାହାନ୍ତି। ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କଲେ ହାତୀ ଓ ମଣିଷ ଲଢେଇରେ ସାମାନ୍ୟତମ ସୁଧାର ଆସିପାରନ୍ତା ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି ।


ପାଣି ପିଇବାକୁ ଆସିଥିବା ହାତୀପଲ।

### ଲାଞ୍ଚ ନେଇ ମଦ ଫେରାଇବା ଘଟଣା
### କନଷ୍ଟେବଲଙ୍କୁ ପାଟଣା ଥାନାରୁ ବଦଳି

ପାଟଣା,୩୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲ ଜବତ ମଦ ଫେରାଇ ପ୍ରତିବଦଳରେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାର ସ୍ୱୀକାରୋକ୍ତି ଅଡିଓ ଭାଇରାଲ ହେବା ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଘଟଗାଁ ଏସ୍‌ଡିପିଓ ଆଶୀତ ରଞ୍ଜନ ମହାନ୍ତି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଏସ୍‌ପି ମହାପାତ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ କନେଷ୍ଟବଳ ପ୍ରଫୁଲ ବାରିକଙ୍କୁ ପାଟଣା ଥାନାରୁ ବଦଳି କରି ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବିଦ୍ୟାଳୟର ନୂତନ ପରିଚାଳନା କମିଟି

ଲଙ୍ଗଳେଶ୍ୱର, ୩୦।୧୦(ଡି.ଏନ.ଏ.)

ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ତାପଣିଆ କେବି ନୋଡାଲ ହାଇସ୍କୁଲରେ ଶୁକ୍ରବାର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିକର୍ତ୍ତନ ରାଉତ ସଭାପତିତ୍ୱ କରିଥିଲେ। ସଭାପତି ଭାବେ ଦିନେଶ କୁମାର ଗିରି, ଉପସଭାପତି ଭାବେ ବିଷ୍ଣୁପ୍ରିୟା ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିବା ବେଳେ ସଞ୍ଜୁଲତା ଦଳେଇ, ପ୍ରମିଳା ଗିରି, ରୀତାରାଣୀ ଗିରି, ସରୋଜିନୀ ଦତ୍ତ, ନାରାୟଣ ମୁର୍ମୁ, ସନାତନ ଜେନା, ରବୀନ୍ଦ୍ର ଦେ, ସଚ୍ଚିଦାନନ୍ଦ ଦାସ ଅଧିକାରୀ, ମନୋଜ କୁମାର ବିଶ୍ୱାଳ, ନାରାୟଣ ସେଠୀ, ବୀନତି ବେହେରା, ଲବଙ୍ଗଲତା ଗିରି, ତ୍ରିଲୋଚନ ନାୟକ, ଓମ୍ ପ୍ରକାଶ ଜେନା, ଲିଜାରାଣୀ ପ୍ରଧାନ ପ୍ରମୁଖ କମିଟି ନୂତନ ସଭ୍ୟାସଭ୍ୟ ଭାବେ ମନୋନୀତ ହୋଇଥିଲେ। ସଂସ୍କୃତ ଶିକ୍ଷକ ରାଧାକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମମତା ଆଗରେ ସବୁ ଫିକା


ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେଶନରୋଡରେ ଜଣେ ମହିଳା ନିଜର ସନ୍ତାନକୁ କାନ୍ଧରେ ଶୁଆଇ କାମ କରିବାକୁ ଯାଉଛନ୍ତି। ଫଟୋ–ସନ୍ତୋଷ।

## ବ୍ଲକସ୍ତରୀୟ ସମନ୍ୱୟ ମେଳା

ବନ୍ତ,୩୦।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ମିଶନ ଶକ୍ତିର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା, ବିଡିଓ ଅଙ୍କିତା ବାରିକ, ସିଡିପିଓ ରେଣୁବାଳା ଦାଶ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାସ, ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ବାରିକ, ସରପଞ୍ଚ ନିହାରିକା ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୪୧୬ ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୭ଶହଙ୍କୁ ଋଣ ପ୍ରଦାନ କରାଯିବା ନେଇ ସୂଚନା ଦିଆଯାଇଥିଲା। ପରେ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ବ୍ୟାଙ୍କର୍ସମାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା, ୧୪ ବ୍ୟାଙ୍କର ପରିଚାଳକ, ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ଯୋଗ ଦେଇଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକସ୍ତରୀୟ ସଂଯୋଜିକା ରଶ୍ମିତା ପଣ୍ଡା, ସ୍ମିତା ପାଣିଗ୍ରାହୀ, ଭାରପ୍ରାପ୍ତ ବ୍ଲକ ପ୍ରକଳ୍ପ ପରିଚାଳକ ଚିରଞ୍ଜୀବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ବ୍ୟାଙ୍କ ପରିଚାଳକଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ

କେନ୍ଦୁଝର/ବାରିପଦା ଅଫିସ, ୩୦।୧୦(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ମହକୁମାରେ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ କୋଭିଡ ଗାଇଡଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକି ହେବ ନାହିଁ ସତ କିନ୍ତୁ ସଚେତନତା ଏବଂ ପ୍ରାକ୍ ପ୍ରସ୍ତୁତି ବଳରେ ପ୍ରଶମନ କରାଯାଇପାରିବ। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ ଏହି ସମାରୋହରେ ଯୋଗଦେଇ ୧୯୯୯ ମସିହାରେ ସଂଗଠିତ ମହାବାତ୍ୟାର କରୁଣ ଚିତ୍ର ଉପସ୍ଥାପନ କରି ସଚେତନତା ଓ ପ୍ରାକ୍ ପ୍ରସ୍ତୁତି ବଳରେ କିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିଛି ସେ ସଂପର୍କରେ ଆଲୋଚନା କରିଥିଲେ। ସେହିପରି ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ବାରିପଦା ସହକାରୀ ଅଗ୍ନିଶମ ସେବା ଅଧିକାରୀ ଭବେନ୍ଦୁ ନାଥ ଦେ, ପଞ୍ଚମ ବାଟାଲିୟନ୍ ବାରିପଦା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନବୋଧ ପାଢୀ, ଓଡ୍ରାଫ୍ ଟିମ ଅଧିକାରୀ ସୁବୋଧ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଅଧିକାରୀ ମନତୀ ପୃଷ୍ଟି, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ସାମୂହିକ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥପାଠ କରିଛନ୍ତି।

### ଅଣଦେଖା ନେଇ ବରିଷ୍ଠ ନାଗରିକଙ୍କ କ୍ଷୋଭ

ଚାନ୍ଦବାଲି,୩୦।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବରିଷ୍ଠ ନାଗରିକ ସଙ୍ଗଠନର ଏକ ବୈଠକ ଶୁକ୍ରବାର ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକମାନେ ବୟସର ଅପରାହ୍ଣରେ ପହଞ୍ଚିଥିବା ବେଳେ ସେମାନେ ନିଜକୁ ଅସହାୟ ମନେ କରୁଛନ୍ତି। ବ୍ୟାଙ୍କ, ତହସିଲ ଓ ଅନ୍ୟାନ୍ୟ ଅଫିସରେ ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଅବହେଳା କରାଯାଉଛି। ସରକାର ସେମାନଙ୍କ ସମସ୍ୟା ପ୍ରତି ଉଦାସୀନ ରହୁଥିବାରୁ ବୈଠକରେ ବରିଷ୍ଠ ନାଗରିକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରିକି ସେମାନଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ସ୍ଥାନୀୟ ପ୍ରଶାସନ ଦେଉ ନ ଥିବା ଅଭିଯୋଗ ହୋଇଛି। ଆବାହକ ପ୍ରମୋଦ ତ୍ରିପାଠୀଙ୍କ ସହ ବ୍ରଜକିଶୋର ରାଉତ, କମଳାକାନ୍ତ ପତି, ବେଣୁଧର ନାୟକ, ଚକ୍ରଧର ରାଉତ ପ୍ରମୁଖ ଏହାର ପ୍ରତିକାର ଦାବି କରିଥିଲେ।

## ବାଲିଚୋରି ରୋକିବାକୁ ଖୋଳାଗଲା ଟ୍ରେଞ୍ଚ

ଚମ୍ପୁଆ,୩୦।୧୦(ଡି.ଏନ.ଏ)

ନିୟମିତ ଭାବେ ଲଘୁଖଣିଜ ଚୋରି ହେଉଥିବା ବେଳେ ଚମ୍ପୁଆ ତହସିଲ ବିଭାଗ ପକ୍ଷରୁ ଏହାକୁ ଅଟକାଇବାରେ ବିଫଳ ହେବା ଚର୍ଚ୍ଚା ହେଉଥିଲା। ଏକ ପଟେ ଟେଣ୍ଡର ପ୍ରକ୍ରିୟାରେ ନିଲାମ ବାଲିଖଣି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ବେଳେ ବାଲିଘାଟ ଗୁଡିକୁ ଛାଡି ମାଫିଆମାନଙ୍କ ନଜର ଏବେ ବୈତରଣୀ ନଦୀର ବିଭିନ୍ନ ପଠା ଉପରେ। ଶେଷରେ ତହସିଲ ବିଭାଗ ବାଲି ଚୋରି ହେଉଥିବା ନଦୀପଠା ରାସ୍ତା ଉପରେ ଟ୍ରେଞ୍ଚ ଖୋଳାଯାଇଛି। କିଛିଦିନ ହେବ ସରେଇ ଠାରେ ଥିବା ପର୍ଯ୍ୟଟନସ୍ଥଳ କେଶରିକୁଣ୍ଡ ଓ କାଳିକାପ୍ରଶାଦ ନିକଟରୁ ବାଲିଚୋରି ଖବର ପାଇ ଚମ୍ପୁଆ ତହସିଲଦାର ସାଇ ସସ୍ମିତା ହୋତା ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଟ୍ରାକ୍ଟର ଯାତାୟାତ ରାସ୍ତାରେ ଜେସିବି ସହାଯ୍ୟରେ ଟ୍ରେଞ୍ଚ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ତହସିଲଦାର ହୋତା କହିଛନ୍ତି, ବାଲିଚୋରି ରୋକିବା ପାଇଁ ଉକ୍ତ ରାସ୍ତାରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଟ୍ରେଞ୍ଚ ଖୋଳାଯାଇଛି ଏବଂ ଅନ୍ୟାନ୍ୟ ଉତ୍ସ ଉପରେ ମଧ ନଜର ରଖାଯାଇଛି।

### ରାଷ୍ଟ୍ରୀୟ ଏକତା ଦିବସ ପାଳନ ପ୍ରସ୍ତୁତି

ଖଇରା, ୩୦।୧୦(ଡି.ଏନ.ଏ.)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଲାଗି ଖଇରାରେ ପ୍ରସ୍ତୁତି ଜୋରଦାର ଚାଲିଛି । ଖଇରା ଦୁର୍ଗାମଣ୍ଡପରେ ଚଳିତବର୍ଷ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଖଇରା ଅଞ୍ଚଳର ବିଭିନ୍ନ ସଙ୍ଗଠନ ଆନୁକୂଲ୍ୟରେ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥୀ ଓ ଉମେଶ ନାୟକ, ଅନାମ ଚରଣ ପଣ୍ଡା, ନାରାୟଣ ପଣ୍ଡା, ସନାତନ ବେହେରା, ଅନ୍ତର୍ଯାମୀ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ବିଶେଷ ଦିଗ ଉପରେ ଆଲୋଚନା କରାଯାଇଥିଲା।

## ଟାଟା ପାୱାର ଅପରେଶନ ସିଷ୍ଟମ୍ ଲୋକାର୍ପିତ


ଟିପିଏନ୍‌ଓଡିଏଲ୍ ଅଧିକାରୀଙ୍କ ସହ କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୩୦।୧୦

ବାଲେଶ୍ୱର ସହର କାଳୀମନ୍ଦିର ନିକଟରେ ଏକ ଉଚ୍ଚମାନର ପାୱାର ଅପରେଶନ୍ ସିଷ୍ଟମ୍‌କୁ ଲୋକାର୍ପିତ କରିଛି ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)। ଉପଭୋକ୍ତାମାନଙ୍କୁ ଉନ୍ନତମାନର ବିଦ୍ୟୁତ ସେବା ଯୋଗାଇ ଦେବା ଲାଗି ଏହି ପ୍ରୟାସ। ଏହି ଅବସରରେ ଆୟୋଜିତ ଉତ୍ସବରେ ଟିପିଏନ୍‌ଓଡିଏଲ୍ ସିଇଓ ଭାସ୍କର ସରକାର ସଭାପତିତ୍ୱ କରି ଏହି ଶକ୍ତି ନିର୍ଭରଯୋଗ୍ୟତା ଏବଂ ଗ୍ରାହକଙ୍କ ସନ୍ତୁଷ୍ଟିରେ ବଡ଼ ଉନ୍ନତି ଆଣିବ ବୋଲି ପ୍ରକାଶ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୫ଟି ଜିଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଏବଂ କେଉଁଝରରେ ଥିବା ବିଭିନ୍ନ ଗ୍ରୀଡ୍ ଓ ଷ୍ଟ୍ରକ୍ଚରରେ ରହିଥିବା ସମସ୍ୟା ସହଜରେ ଜାଣିହେବା ସହିତ ସହଜରେ ସମାଧାନ କରିହେବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା କୌଣସି ସ୍ଥାନରେ ତାର ଛିଣ୍ଡିବା ଏବଂ ଡିସ୍ ଫାଟିବା ଭଳି ସମସ୍ୟା ସମ୍ପର୍କରେ ଏଠାରେ ସୂଚନାପାଇ ତୁରନ୍ତ ସମାଧାନ କରାଯାଇପାରିବ। ଏଥିସହ ବିଦ୍ୟୁତ୍ କର୍ମଚାରୀ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଦୁର୍ଘଟଣାକୁ ମଧ ରୋକିବାରେ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ଅପରେଶନ ଚିଫ୍ ଦୁଷ୍ୟନ୍ତ ତ୍ୟାଗୀ, ପ୍ରୋଜେକ୍ଟ ଚିଫ୍ ପ୍ରବୀଣ ଗୌଡ଼େ, ଆଇଟି ଚିଫ୍ ତରୁଣ ବାତ୍ରା, ପିଏସ୍‌ସି ହେଡ୍ କରୁଣାକର ଝା, ଏସ୍‌ଟିଏ ଏଚ୍‌ଓଡ଼ି ମଣିଭୂଷଣ ପ୍ରସାଦ, ଜିଏମ୍ ଅପରେଶନ ଶରତ ଚନ୍ଦ୍ର ମହାଳିକ, ଆଡମିନ୍ ହେଡ୍ ଜୟୀରାମ ଭାଟିଆ, ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ସୁଦୀପ ମିଶ୍ର, ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜାନୁୟାରୀ ୫ରେ ଚୂଡ଼ାନ୍ତ ଭୋଟର ତାଲିକା

ବାଲେଶ୍ୱର ଅଫିସ, ୩୦।୧୦

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦୨୨ ଜାନୁୟାରୀ ୧ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତ୍ତି କରି ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ୨୦୨୨ ଆରମ୍ଭ ହେବ। ଆସନ୍ତା ନଭେମ୍ବର ୧ତାରିଖରେ ବୁଥ ସ୍ତରରେ ଭୋଟର ତାଲିକାର ଡ୍ରାଫ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ନଭେମ୍ବର ୧ରୁ ୩୦ତାରିଖ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ବିଭିନ୍ନ ଦାବି ଏବଂ ଆପତ୍ତି ସଂକ୍ରାନ୍ତୀୟ ଆବେଦନ ଗ୍ରହଣ କରାଯିବ। ନଭେମ୍ବର ୭ ଏବଂ ୨୧ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ବୁଥ୍‌ରେ ରାଜନୈତିକ ଦଳର ଏଜେଣ୍ଟମାନେ ରହି ବୁଥସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ । ଆସନ୍ତା ଡିସେମ୍ବର ୨୦ତାରିଖ ସୁଦ୍ଧା ସମସ୍ତ ଦାବି ଏବଂ ଅଭିଯୋଗର ଫଇସଲା କରାଯିବା ସହିତ ୨୦୨୨ ଜାନୁୟାରୀ ୫ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।


ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

ସମସ୍ତ ରାଜନୈତିକ ଦଳକୁ ବୁଥସ୍ତରରେ ଏଜେଣ୍ଟ ନିଯୁକ୍ତ କରିବା ପାଇଁ ନିବେଦନ କରାଯାଇଥିଲା। ବୁଥସ୍ତରୀୟ ଅଧିକାରୀମାନଙ୍କର ବୈଠକ ଡାକି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାର କରିବା, ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ତାହାର ଫଇସଲା କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଜିଲାର ଭୋଟର ସଂଖ୍ୟା ଏବେ ୧୮ଲକ୍ଷ ୪୨ହଜାର ୨୨୩ ଥିବା ବେଳେ ସମସ୍ତ

### ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବୈଠକ

ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏହି ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ମୋଟ୍ ୧୮୮୭ଟି ବୁଥ୍‌ରେ କରାଯାଉଛି। ଭୋଟର ହେଲ୍‌ପଲାଇନ ମୋବାଇଲ ଆପ୍ ମାଧ୍ୟମରେ ତ୍ରୁଟି ସଂଶୋଧନ ପାଇଁ ଆବେଦନ କରିପାରିବେ। ନୂତନ ଯୁବ ଭୋଟରମାନେ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ସେଥିପ୍ରତି ଉଦ୍ୟମ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସଂଶୋଧନ ଚାହୁଁଥିବା ଭୋଟର ନିର୍ଦ୍ଧାରିତ ଫର୍ମ ୬, ୬(କ), ୭, ୮ ଓ ୮ (କ)ରେ ଆବେଦନ କରିପାରିବେ। ଏହି ଫର୍ମ ବୁଥ୍‌ଗୁଡ଼ିକରେ ଉପଲବ୍ଧ ହେଉଛି। ଯେଉଁମାନଙ୍କର ବୟସ ୦୧ ଜାନୁୟାରୀ ୨୦୨୨ ସୁଦ୍ଧା ୧୮ବର୍ଷ ହୋଇଛି ସେମାନେ ୬ନମ୍ବର ଫର୍ମ ମାଧ୍ୟମରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା, ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ମନୋଜ କୁମାର କାର୍ଜୀ, ରାଜନୈତିକ ଦଳ ପ୍ରତିନିଧି ଭୁବନାନନ୍ଦ ଦାସ ଓ କେଶବ କୁମାର ଆଚାର୍ଯ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ସ୍ତ୍ରୀଙ୍କୁ ଆକ୍ରମଣ କରି ଗିରଫ

**ଭଦ୍ରକ ଅଫିସ:** ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ଭଦ୍ରକ ଜିଲା ଧାମନଗର ପୋଲିସ ଶନିବାର ଭଗତପୁର ଗାଁର ଅଭିମନ୍ୟୁ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଅଭିମନ୍ୟୁ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା(ନଂ. ୨୯୫/୨୧) ରୁଜୁ ହୋଇଛି।

# ବାଲେଶ୍ୱର ୧୨, ଭଦ୍ରକ ୬ ଘଣ୍ଟା ବନ୍ଦ



ବାଲେଶ୍ୱର ଷ୍ଟେଶନ ଛକରେ ଭାଜପା ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

**ବାଲେଶ୍ୱର ଅଫିସ/ରେମୁଣା/ ସଜନାଗଡ/ ରୂପ୍‌ସା/ ବାଲିଆପାଳ/ଲଙ୍ଗଳେଶ୍ୱର/ ସିମୁଳିଆ/ଜଳେଶ୍ୱର/ଭୋଗରାଇ/ ବାହାନଗା/ସୋର, ୩୦।୧୦(ଡି.ଏନ.ଏ.)**

ମମିତାଙ୍କୁ ନ୍ୟାୟ ଓ ମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ଶନିବାର ଭାଜପା ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ଜିଲାରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ, ସ୍କୁଲ, କଚେରୀ, ଅଦାଲତ ଏବଂ ମାର୍କେଟ୍ ବନ୍ଦ ହୋଇଥିଲା। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସହର ସମେତ ପ୍ରତ୍ୟେକ ବ୍ଲକରେ ସ୍ଥାନୀୟ ନେତୃବୃନ୍ଦ ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୬ଟାରେ ଭାଜପା ଯୁବମୋର୍ଚ୍ଚା, ମହିଳାମୋର୍ଚ୍ଚା, କୃଷକମୋର୍ଚ୍ଚା, ଓବିସି ମୋର୍ଚ୍ଚା, ଏସି ଏବଂ ଏସଟି ମୋର୍ଚ୍ଚା ନେତୃତ୍ୱମାନେ ପିକେଟିଂ କରି ନୂଆ ବଜାର, ମୋତିଗଞ୍ଜ ବଜାର, ଚିଡିଆପୋଲ, ଫାଣ୍ଡି ଛକ, ସିନେମା ଛକ, ଷ୍ଟେଶନ ଛକ, ପୋଲିସ ଲାଇନ, ଅଜିମାବାଦ, ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ବାଣିଜ୍ୟିକ ପ୍ରତିଷ୍ଠାନ, ସ୍କୁଲ କଲେଜ, ଦୋକାନ ବଜାର, ବ୍ୟାଙ୍କ ବନ୍ଦ କରିଥିଲେ। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, କମଳା ବିହାଣି, ଭାଜପା ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ବରିଷ୍ଠ ସଦସ୍ୟ ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଜିତ ଦେବ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଥିଲା। ରେମୁଣାରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ମୋଟରସାଇକେଲ ରାଲିରେ କୁରୁଡ଼ା ଛକ, ବାମପଦା, ନରହରିପୁର, ରେମୁଣା ଗୋଲେଇ, ମନ୍ଦିରଛକ, ତାରିଣିଛକ, ଶାଳବଣି, ଫୁଲାଡ଼ି, ପଦମପୁର ଛକଠାରେ ପିକେଟିଂ କରିଥିଲେ। ନୀଳଗିରିରେ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ବିଭିନ୍ନ ଛକରେ ପିକେଟିଂ କରିବା ସହ ୧୯ ନଂ. ରାଜ୍ୟ ରାଜପଥ ସେରଗଡ଼-ଉଦଳା ରାସ୍ତା ବନ୍ଦ କରି ସେଠାରେ ବସି ରହିଥିଲେ। ରୂପସା ମଣ୍ଡଳ ସଭାପତି ତପନ କୁମାର ଗିରି, ଶ୍ରୀଧର ବେହେରା, ସନ୍ତୋଷ ସେଠୀ, ଅନ୍ତର୍ଯ୍ୟାମୀ ବେହେରା ଓ ବସ୍ତା ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି, ବରିଷ୍ଠ ନେତା ରବୀନ୍ଦ୍ର ଜୈନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା। ରୂପସା ଷ୍ଟେଶନରେ ବାରିପଦା-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସକୁ ଅଟକ ରଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକର ବହୁ ଭାଜପା କର୍ମୀ ବିଭିନ୍ନ ପଞ୍ଚାୟତର ମୁଖ୍ୟ ରାସ୍ତା ଓ ଦୋକାନ ବଜାର ବନ୍ଦ କରିଥିଲେ। ଲଙ୍ଗଳେଶ୍ୱରରେ ଏମ୍‌ପି ପ୍ରତିନିଧି ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଲଙ୍ଗଳେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବଜାର ବନ୍ଦ ସଫଳ ହୋଇଥିଲା। ସିମୁଳିଆରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଦଳୀୟ କର୍ମୀମାନେ ୧୬ନଂ ଜାତୀୟ ରାଜପଥରେ ଟାୟାର ଜଳାଇବା ସହିତ ତାଳପତ୍ର ପକାଇ ରାସ୍ତା ଅବରୋଧ କରିଥିଲେ । ଜଳେଶ୍ୱରରେ ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଓ ଫାଲ୍‌ଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ହୋଇଛି। ଭାଜପା ନେତା ଅଂଶୁମାନ ମହାନ୍ତି ଓ ସୁନୀଲ କରଙ୍କ ନେତୃତ୍ୱରେ ସମର୍ଥକମାନେ ଭୋଗରାଇ ଥାନା ଛକ ସ୍ଥିତ ଚନ୍ଦନେଶ୍ୱର-ଜଳେଶ୍ୱର ରାସ୍ତାକୁ ଅବରୋଧ କରିବା ସହିତ ନାରାବାଜି ଦେଇଥିଲେ। ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳରେ ଭାଜପା କର୍ମୀମାନେ ପିକେଟିଂ କରି ସମସ୍ତ ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କଗୁଡ଼ିକୁ ବନ୍ଦ କରିଥିଲେ। ସୋରରେ ଭାଜପା ନେତା ରାକେଶ ମଲ୍ଲିକଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରା, ମହିଳା ମୋର୍ଚ୍ଚା ଜିଲା ସଭାପତି ମନୀଷା ବେହେରା, ଅନୁସୂଚିତ ଜାତି ଜିଲା ସଭାପତି ମୃତ୍ୟୁଞ୍ଜୟ ଜେନା, ରାଜ୍ୟ ପରିଷଦ ସଭ୍ୟ ମାଧବ ଧଡା, ପୂର୍ବତନ ନଗରପାଳ ନଳିନୀକାନ୍ତ ମହାପାତ୍ର, ବରିଷ୍ଠ ନେତା ଖଗେନ୍ଦ୍ର ପ୍ରଧାନ, ଭଜହରି ପୃଷ୍ଟିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ପିକେଟିଂ କରିଥିଲେ।

**ଭଦ୍ରକ ଅଫିସ/ଚାନ୍ଦବାଲି/ଆରଡ଼ି/ ବାସୁଦେବପୁର/ ପଦ୍ମପୁର/ଭଣ୍ଡାରିପୋଖରୀ/ବନ୍ତ, ୩୦।୧୦ (ଡି.ଏନ.ଏ./ସ୍ୱ.ପ୍ର.)**

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ ଦାବି କରି ଶନିବାର ଭାଜପା ପକ୍ଷରୁ ଭଦ୍ରକ ଜିଲାରେ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ଜିଲା ବନ୍ଦ ରହିଥିଲା। ଜିଲାର ସମସ୍ତ ବ୍ଲକରେ ସ୍କୁଲ, କଲେଜ, ଦୋକାନ ବଜାର ସହ ସରକାରୀ ଅଫିସ ବନ୍ଦ ରହିଥିଲା। ଭଦ୍ରକରେ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ନାରୀନେତ୍ରୀ ହରପ୍ରିୟା ସାହୁ, ଚୈତାଳୀ ଖିଲାର ପ୍ରମୁଖ ବନ୍ତ ଛକ, ଜାତୀୟ ରାଜପଥ ସମେତ ବଜାରର ବିଭିନ୍ନ ସ୍ଥାନରେ ପିକେଟିଂ କରି ପ୍ରତିବାଦ ଜଣାଇଥିଲେ। ସେହିପରି ଚାନ୍ଦବାଲି ସମେତ ମତୋ, ଧାମରା, ଆରଡ଼ି, ଘଣ୍ଟେଶ୍ୱର ଆଦି ସ୍ଥାନରେ ଭାଜପା କର୍ମୀମାନେ ରାଜରାସ୍ତା ଅବରୋଧ କରିଥିଲେ। ଜିଲା ଭାଜପା ଉପସଭାପତି କମଳାକାନ୍ତ ସୂତାରଙ୍କ ନେତୃତ୍ୱରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଅଭିମନ୍ୟୁ ଖୁଣ୍ଟିଆ, ଲକ୍ଷ୍ମଣ ଦାସ ପ୍ରମୁଖ ସାମିଲ ଥିଲେ। ବାସୁଦେବପୁର ସହର ସମେତ ଆଖପାଖ ବଜାର ଓ ଛକରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ପୂର୍ବତନ କାଉନସିଲର ଭଗବାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଇଚ୍ଛାପୁର ଛକ, ସାବରଙ୍ଗ ବଜାର, ସାହାଡ଼ା ବଜାର, ପଦ୍ମପୁର, ରାଜଘରପୋଖରୀ, ବିଦେଇପୁର ବଜାରରେ ବନ୍ଦ ପାଳନ କରାଯାଇଥିଲା। ଭାଜପା କର୍ମୀ ଉତ୍ତମ ପାତ୍ର, କମଳାକାନ୍ତ ପାତ୍ର, ଅମୀୟ ପରିଡ଼ା, ନିରଞ୍ଜନ ବଳ ପ୍ରମୁଖ ସାମିଲ ଥିଲେ। ଧାମନଗରର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଭଣ୍ଡାରିପୋଖରୀରେ ଦଳୀୟ ନେତା ବଦ୍ରିନାରାୟଣ ଧଳ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ରାମଚନ୍ଦ୍ର ସେନାପତି, ସୁଶାନ୍ତ ମହାପାତ୍ର, ସୁରେଶ ସାମଲ, ଜଗବନ୍ଧୁ ଦାସ, ତପସ୍ୱିନୀ ମହାପାତ୍ର, ରୁକ୍ମଣୀ ଦାସ ପ୍ରମୁଖ ବିଭିନ୍ନ ସ୍ଥାନରେ ବନ୍ଦରେ ସାମିଲ ହୋଇଥିଲେ। ସେହିପରି ବନ୍ତ ବ୍ଲକ ଆଗରପଡ଼ାରେ ଦଳୀୟ କର୍ମୀମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ସହ ମନ୍ତ୍ରୀ ମିଶ୍ର ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯୁବନେତା ଶିବାନନ୍ଦ ଦାଶ ଅଧିକାରୀ, ଗୋପାଳକୃଷ୍ଣ ଦାଶ, ରାଜୀବ ଲୋଚନ ରାୟ, ଅମୂଲ୍ୟ ରତ୍ନ ନନ୍ଦ, ମମତା ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।





ଭଣ୍ଡାରିପୋଖରୀଠାରେ ଭାଜପା ନେତା ଓ କର୍ମୀ ବନ୍ଦ ପାଳନ କରୁଛନ୍ତି।

### ବନ୍ଦ ପାଳନ ବେଳେ ଆକ୍ରମଣ, ଜଣେ ଗିରଫ

ଭଦ୍ରକ ଜିଲା ଧାମନଗରଠାରେ ଶନିବାର ଭାଜପା ପକ୍ଷରୁ ବନ୍ଦ ପାଳନ ସମୟରେ ଉତ୍ତେଜନା ଦେଖାଦେଇଥିଲା। ଭାଜପା କର୍ମୀ ଶେଖ୍ ରାଜା ଦଳୀୟ କର୍ମୀ ଶେଖ୍ ଫୁରସତଙ୍କୁ ବାଉଁଶରେ ଆକ୍ରମଣ କରିଥିଲେ। ଫଳରେ ଶେଖ ଫୁରସତ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଘଟଣାସ୍ଥଳରେ ଧାମନଗର ଥାନା ପୋଲିସ ପହଞ୍ଚି ଶେଖ୍ ରାଜାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା(ନଂ.୨୧୬/୨୧) ରୁଜୁ ହୋଇଛି।

## ସୌମ୍ୟ, ମମିତାଙ୍କ ଲାଗି ଖଇରା ବନ୍ଦ

**ଖଇରା, ୩୦।୧୦(ଡି.ଏନ.ଏ.)**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ଓ ମହାଲିଙ୍ଗ ସନସାଇନ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡ ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖଇରା ମଣ୍ଡଳ ଭାଜପା ତରଫରୁ ଖଇରା ବ୍ଲକର ବିଭିନ୍ନ ବଜାର ବନ୍ଦ କରାଯାଇଛି । ଯୁବନେତା ନୀଳମାଧବ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଅଜୟ ବେହେରା ଏବଂ ମଣ୍ଡଳ ସଭାପତି ରାଜେଶ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବାଇକ ଶୋଭାଯାତ୍ରା ଖଇରା ଦୁର୍ଗାମଣ୍ଡପରୁ ବାହାରି ଖଇରା, କୁପାରୀ, ବର୍ତ୍ତନା, ଗଣ୍ଡିବେଡ ବଜାର ପରିକ୍ରମା କରି ତୁଡିଗଡିଆରେ ପହଞ୍ଚିଥିଲା । ପଥପ୍ରାନ୍ତ ସଭାରେ ଭାଜପା ନେତୃବୃନ୍ଦ ଯୋଗଦେଇ ବିଜେଡି ସରକାରର ବିଭିନ୍ନ କାର୍ଯ୍ୟକଳାପକୁ ତୀବ୍ର ସମାଲୋଚନା କରିଥିଲେ । ତୁଡିଗଡିଆ ଜୋନ ସଭାପତି ମହେଶ୍ୱର ନାଥ, କୁପାରୀ ଜୋନର ପତିତପାବନ କର, ବିଦ୍ୟାଧର ଦଳେଇ, ମଧୁସୂଦନ ଜେନା, ବାବୁଲି ସାହୁ, ମାୟାଧର କୁଅଁର, ହୃଦୟ ବେହେରା, କରୁଣାକର ମହାନ୍ତି, ସନ୍ତୋଷ ଶତପଥୀ, ନିରଞ୍ଜନ ବେହେରା ପ୍ରମୁଖ ବନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସମସ୍ତ ଦୋକାନ ତଥା ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ ରହିଥିଲା ।





ଖଇରା ଦୁର୍ଗା ମଣ୍ଡପରୁ ବାହାରିଥିବା ବାଇକ ରାଲି।

**ବର୍ତ୍ତନାରେ ଠେଲାପେଲା**-ବର୍ତ୍ତନା ବଜାରରେ ଶୋଭାଯାତ୍ରା ପରିକ୍ରମା କରୁଥିବା ବେଳେ କିଛି ଦୋକାନ ଖୋଲାରହିଥିଲା। ଭାଜପା କର୍ମୀମାନେ ଏହାକୁ ବନ୍ଦ କରୁଥିବା ବେଳେ କିଛି ବିଜେଡି କର୍ମୀ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ କର୍ମୀଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ସମାଧାନ କରିଥିଲା ।

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ୧୧ ଗିରଫ

କେନ୍ଦୁଝର, ୩୦।୧୦ (ସ୍ୱ.ପ୍ର): କେନ୍ଦୁଝର ସଦର ରେଞ୍ଜ ଜଡିପଦା ସଂରକ୍ଷିତ ଜଙ୍ଗଲ ହାଣ୍ଡିଭଙ୍ଗା ନିକଟରେ ଗଛ କାଟୁଥିବାବେଳେ ସଦର ରେଞ୍ଜର ଏକ ସ୍କ୍ୱାଡ ଚଢାଉ କରି ୧୧ ଜଣଙ୍କୁ ଗିରଫ କରିବା ସହ କରତ ଜବତ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ ଗ୍ରାମର ଗୋବିନ୍ଦ ମୁଣ୍ଡା, ବିପିନ ମୁଣ୍ଡା, ଦୀନବନ୍ଧୁ ମୁଣ୍ଡା, ସୁରେଶ ଦେହୁରୀ, ଡିବି ମର୍ମୁ, ଉଦୀୟ ତିରିଆ, କୁଶ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ସମ୍ରାଟ ମୁଣ୍ଡା, ରାୟବାହାଦୁର ମୁଣ୍ଡା ଓ ନିରଞ୍ଜନ ସାଓ୍ୱଇଆଁ ପ୍ରମୁଖ ଗଛ କାଟୁଥିବାବେଳେ ବନବିଭାଗ ଗିରଫ କରିଥିଲା। ହାଣ୍ଡିଭଙ୍ଗା ଗ୍ରାମର ଜଣେ ବ୍ୟକ୍ତି ବନବିଭାଗରୁ ଅନୁମତି ଥିବା କହି ଗଛ କାଟିବାକୁ ଲୋକମାନଙ୍କୁ ଡାକିଥିଲେ। ଚଢାଉରେ ସଦର ରେଞ୍ଜର ପ୍ରଭାତ କୁମାର କୁଅଁର, ଡେପୁଟୀ ରେଞ୍ଜର ବିଦ୍ୟାଧର ସାହୁ, ଟାଉନ ଫରେଷ୍ଟର କାଳନ୍ଦୀ ସାମଲ, ଜଡିପଦା ବିଟର ଫରେଷ୍ଟ ଗାର୍ଡ ଡଲିରାଣୀ ସାହୁ ପ୍ରମୁଖ ସାମିଲ ଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ସଜନାଗଡ଼, ୩୦।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଥାନା ଜୁରିଆପାଟଣା ଗ୍ରାମର ମନୋରଞ୍ଜନ ମଲ୍ଲିକ ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଶୁଦ୍ଧିକ୍ରିୟା ଲାଗି ନିଜ ବନ୍ଧୁଘର ଗୋପ ଗାଁକୁ ଯାଇଥିଲେ। ସକାଳେ ବିଲକୁ ଶୌଚ ପାଇଁ ଯାଇଥିବା ବେଳେ ୨ଟି ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଭାଲୁ ୨ଟି ନିକଟସ୍ଥ ଦେବଗିରି ପାହାଡ଼କୁ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

### ଜେଏମ୍‌ଏମ୍ ପକ୍ଷରୁ ଅଭିନବ ପ୍ରତିବାଦ

ବାରିପଦା ଅଫିସ, ୩୦।୧୦-ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ପକ୍ଷରୁ ବାରିପଦା ସହରରେ ଥିବା ବି. ଆର୍ ଆମ୍ବେଦକରଙ୍କ ସହ ସମସ୍ତ ଆଦିବାସୀ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ତୁଳସୀ ପାଣି ସିଞ୍ଚନ କରି ଅଭିନବ ପ୍ରତିବାଦ କରାଯାଇଛି। ଗତ ୨୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅଶୁଦ୍ଧି ହେବା ନେଇ ବିଜେଡି ପକ୍ଷରୁ କ୍ଷୀର ଓ ଗଙ୍ଗା ଜଳ ଢାଳି ଶୁଦ୍ଧି କରାଯିବା ପରେ ଏଭଳି ପ୍ରତିବାଦ କରିଛି ଜେଏମ୍‌ଏମ୍। ଶନିବାର ସକାଳେ ସମସ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରୁ ଜାମିନରେ ବାହାରିବା ପରେ ଦଳ ପକ୍ଷରୁ ରାଜ୍ୟ ସଭାପତି ଅଞ୍ଜନୀ ସୋରେନଙ୍କ ନେତୃତ୍ୱରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଦଳର ସମସ୍ତ ନେତୃବୃନ୍ଦ ଓ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାରିପଦା ସହର ପରିକ୍ରମା କରି ପ୍ରଥମେ ଭଞ୍ଜପୁର ସ୍ଥିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ତୁଳସୀ ପାଣି ସିଞ୍ଚନ କରି ଶୁଦ୍ଧ କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା

କେନ୍ଦୁଝର, ୩୦।୧୦(ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମରେ ଓଡିଶା ଖଣି ନିଗମ (ଓଏମ୍‌ସି) ଗନ୍ଧମାର୍ଦ୍ଦନ ଲୌହ ଖଣି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଓଏମ୍‌ସିର ସିନିୟର ମ୍ୟାନେଜର ପର୍ସନାଲ ଲଖିନ ହାଁସଦା ଉଦ୍‌ଘାଟନ କରିଥିଲେ। ଶୁଆକାଟି, ତଳକଇଁସାରୀ ଏବଂ କୁମୁଣ୍ଡି ପଞ୍ଚାୟତର ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସହ ଓଏମ୍‌ସିର କର୍ମଚାରୀ ଭାଗ ନେଇଥିଲେ।

### ମହିଳାଙ୍କୁ ଯୌତୁକ ନିର୍ଯାତନା

କୁଆମରା, ୩୦।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୨୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

### ନିଶାସକ୍ତ ବାଇକ୍ ଚାଳକ ଗିରଫ

ପାଟଣା,୩୦।୧୦(ସ୍ୱ. ପ୍ର.):କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଜଣେ ନିଶାସକ୍ତ ବାଇକ ଚାଳକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ନିହାର ରଞ୍ଜନ ମହାରଣା। ଅପରାହ୍ନରେ ୪୯ ନମ୍ବର ଜାତୀୟ ରାଜପଥର ଝାରବେଡା ଛକ ନିକଟରେ ତୁରୁମୁଙ୍ଗା ପୋଲିସ ପକ୍ଷରୁ ଏମଭି ଚେକିଙ୍ଗ ଚାଲିଥିବା ସମୟରେ ନିହାର ଭଣ୍ଡାକୁ ଯାଉଥିବାବେଳେ ପୋଲିସ ବ୍ରେଥ ଲାଇଜର ମେଶିନରେ ଯାଞ୍ଚ କରିବାରୁ ସେ ମାତ୍ରାଧିକ ମଦ ପିଇଥିବା ଜଣା ପଡିଥିଲା। ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୨ ଦୋଷୀଙ୍କୁ ସଶ୍ରମ କାରାଦଣ୍ଡ

**ବାରିପଦା ଅଫିସ,୩୦।୧୦**

ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମହେନ୍ଦ୍ର କୁମାର ସୂତ୍ରଧର ଦୁଇଟି ନାବାଳିକା ବଳାତ୍କାର ଓ ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ୨ ଦୋଷୀଙ୍କୁ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ନାବାଳିକାଙ୍କୁ ବଳାତ୍କାର ମାମଲାରେ ଝାରପୋଖରିଆ ଥାନା ଅଧୀନ କେନ୍ଦୁମୁଣ୍ଡି ଅଞ୍ଚଳର ମିଥୁନ ମହାନ୍ତ(୨୫)ଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ଶୁଳିଆପଦା ଥାନା ନୁହାମାଳିଆ ଅଞ୍ଚଳର କନ୍ଧା ମୁଖିଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟ ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଫେବୃୟାରୀ ୩ ତାରିଖ ରାତିରେ ନିକଟସ୍ଥ ଗ୍ରାମରେ ଚାଲିଥିବା ନବକୁଞ୍ଜ ଦେଖି ଜଣୈକା ନାବାଳିକା ଘରକୁ ଫେରୁଥିବା ବେଳେ ରାସ୍ତାରେ ମିଥୁନ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଝାରପୋଖରିଆ ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ସେହିପରି ୨୦୧୮ ସେପ୍ଟେମ୍ବର ୨୦ରେ ବେତନଟୀ ଥାନା ଅଞ୍ଚଳର ଜଣୈକା ନାବଳିକା ଘରେ ଏକୁଟିଆ ଥିବା ସମୟରେ କନ୍ଧା ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ଉଭୟ ମାମଲାକୁ ପରିଚାଳନା କରିଥିଲେ।

**OFFICE OF THE REGULATED MARKET COMMITTEE, BALASORE**

At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605

Quotation No. 550 Date: 29.10.2021

**QUOTATION CALL NOTICE**

Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.

Sd./- Sub-Collector, Balasore-cum-Chairman, RMC, Balasore & Jaleswar

## ୫-ଟି ରୂପାନ୍ତକରଣ ସମୀକ୍ଷା ବୈଠକ





ବୈଠକରେ ଉପସ୍ଥିତ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଓ ଅନ୍ୟମାନେ।

**ବାହାନଗା/ରେମୁଣା, ୩୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ବରୁଣସିଂ ପଞ୍ଚାୟତସ୍ଥିତ ନୀଳଗିରି ରୋଡ ନୋଡାଲ ହାଇସ୍କୁଲ ପରିସରରେ ରେମୁଣା ବିଧାୟକଙ୍କ ଦ୍ୱାରା ୫ଟି ରୂପାନ୍ତକରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବାସୁଦେବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ଯୋଗଦେଇ ବିଦ୍ୟାଳୟ ରୂପାନ୍ତକରଣ ବିଷୟରେ ଆଲୋଚନା କରିବା ସହ ଆଲୁମିନି ସଦସ୍ୟମାନଙ୍କୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆରମ୍ଭରେ ବରିଷ୍ଠ ଶିକ୍ଷକ ଅଞ୍ଜନ ଚାନ୍ଦ ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ଭାବେ ଏବିଇଓ ବିଜୟ କୁମାର ଗିରି, ସିଆରସିସି ସଞ୍ଜୟ କୁମାର ସ୍ୱାଇଁ, ପ୍ରତିଷ୍ଠାତା ସଦସ୍ୟ ମାର୍କଣ୍ଡ ଚରଣ ସେଠୀ, ଆଲୁମିନି ସଭାପତି ଗୋପବନ୍ଧୁ ଦାସ, ଆଲୁମିନି ସମ୍ପାଦକ ରବୀନ୍ଦ୍ର ମହାକୁଡ, ସରପଞ୍ଚ ରଘୁନାଥ ନାୟକ, ସିଆରସିସି ସଞ୍ଜୟ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାସ୍କର ବେହେରା, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରାଧାପକ ସ୍ମିତିରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁକାନ୍ତୀ ରାଉତ ଧନ୍ୟବାଦ ଦେଇଥିଲେ। ମଧୁମିତା ପଣ୍ଡିତ, ହରପ୍ରିୟା ସାହୁ, ସୁଷମା ବେହେରା, କଳ୍ପନା ଯେନା, ରେଣୁବାଳା ନାୟକ, ପ୍ରଭାତ ନାୟକ, ସୁବ୍ରତ ବାରିକ, ଉର୍ବଶୀ ମହାପାତ୍ର, ସବିତା ମଲ୍ଲିକ ଓ କାର୍ତ୍ତିକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍.ଏନ୍. ସୁବାରାଓଜୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦୁଝର,୩୦।୧୦(ସ୍ୱ.ପ୍ର.)**

ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ପଦ୍ମଶ୍ରୀ ଡ. ଏସ୍.ଏନ୍.ସୁବାରାଓଜୀଙ୍କ ବିୟୋଗରେ କେନ୍ଦୁଝର ନରଣପୁର ପ୍ରୟାସଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଏବଂ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ତାଙ୍କର ଅତି ପ୍ରିୟ ଭଜନ ସବ୍‌କେ ଲିୟେ ଖୁଲା ହେ ମନ୍ଦିର ହମାରାକୁ ଦୀପ୍ତି ପ୍ରକାଶ ମହାରଣା ଗାନ କରିଥିଲେ। ଏହାପରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଭକ୍ତବତ୍ସଳ ମହାନ୍ତି ବକ୍ତବ୍ୟ ରଖିଥିଲେ। ଜାତୀୟ ଯୁବ ପ୍ରକଳ୍ପର ଜିଲା ସମ୍ପାଦକ ଚଣ୍ଡିପ୍ରସାଦ ପଟ୍ଟନାୟକ ଚଳିତବର୍ଷ ଯୁବ ଶିବିରରେ ସୁବାରାଓଜୀଙ୍କ ବାର୍ତ୍ତା କରାଗଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ।

**ଯୋଗାଯୋଗ କରିବାର ଠିକଣା:**

ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫-୨୭୦୫୭୦ କିମ୍ବା ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ୍) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪।

| ଦିଆଯାଇ ଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା

